# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2 September – 2026

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ସମ୍ମିଳନୀକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

– ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତକୁ ସଶକ୍ତ କରାଯାଇଛି; କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ।

- ପ୍ରକାଶ ପାଇଲା ଓଟିଇଟି ୨୦୨୬ ପରୀକ୍ଷା ଫଳ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ଶ୍ରୀବିଗ୍ରହମାନଙ୍କ ରାହୁ ରେଖାଲାଗି ନୀତି ।

# ପିଏମ୍-ମୁଖ୍ୟମନ୍ତ୍ରୀ-ଜଳଶକ୍ତି ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନଠାରେ ଆଜି ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି । ଏହି ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ବିଭାଗ ସ୍ତରୀୟ ଶିଖର ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ । ଟିମ୍ ଇଣ୍ଡିଆ ମନୋଭାବକୁ ସୁଦୃଢ଼ କରିବା, ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଘନିଷ୍ଠ ସହଯୋଗ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ସାମୂହିକ ଦାୟିତ୍ୱ ବୃଦ୍ଧି କରି ସମୟାନୁବର୍ତ୍ତୀ ସମାଧାନ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଜଳସୁରକ୍ଷା ଓ ସିଞ୍ଚନ ବ୍ୟବସ୍ଥାର ବିକାଶ ସମ୍ପର୍କରେ ଆଲୋକପାତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ୫୪ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ମିଳିଛି । ସେଥିମଧ୍ୟରୁ ୩ଲକ୍ଷ ୨୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍‌ଡ୍ୟାମ୍ ଓ ୯ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକଚର - ଆଇଏସ୍‌ଏସ୍ ଶେଷ ହୋଇଥିବା ବେଳେ ୧ହଜାର ୩୧୨ଟି ପୁରୁଣା ଚେକ୍‌ଡ୍ୟାମ୍‌ର ପୁର୍ନରୁଦ୍ଧାର କରାଯାଇଛି । ଏହାସହିତ

ଆଗାମୀ ବର୍ଷକ ମଧ୍ୟରେ ୧୪ଟି ଆଇଏସ୍‌ଏସ୍ ପ୍ରକଳ୍ପ ଏବଂ ୬ଟି ମଧ୍ୟମଧରଣର ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରକୁ ସହାୟତା ପାଇଁ ୩ହଜାର ୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ, ୨୦ହଜାର ୨୨୮ଟି ଡିପ୍ ବୋରୱେଲେ ଏବଂ ୮ହଜାର ୯୧୭ଟି ସୋଲାର ଡିପ୍ ବୋରୱେଲ ନିର୍ମାଣ କରାଯାଇଛି । ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତକୁ ସଶକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନରେ ଓଡ଼ିଶା ଜଳସେଚନର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ଜଳସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜଳସଂରକ୍ଷଣ, ଭୂ-ଜଳ ପରିଚାଳନା ଓ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ଆଲୋଚନା କରିଥିଲେ ।

## ସୁରେଶ ପୂଜାରୀ-ବୁଝାମଣାପତ୍ର

ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ତଥ୍ୟଭିତ୍ତିକ, ବୈଜ୍ଞାନିକ ଓ ପ୍ରଯୁକ୍ତିସମ୍ପନ୍ନ କରିବା ଲକ୍ଷ୍ୟରେ ଆଜି ଭୁବନେଶ୍ୱର ଲୋକସେବା ଭବନଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରାଧିକରଣ, ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ-ୟୁଏନ୍‌ଡିପି ଏବଂ ସିଭିକ୍ ଡାଟାଲ୍ୟାବ୍

ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏହି ଚୁକ୍ତିନାମା ପରେ ରାଜ୍ୟରେ ବିପର୍ଯ୍ୟୟର ବିପଦ, ପ୍ରଭାବ ଆକଳନ ଏବଂ ଡିଜିଟାଲ ଭିତ୍ତିଭୂମି ଆହୁରି ସୁଦୃଢ଼ ହୋଇପାରିବ । ଏଥିରେ ପ୍ରଯୁକ୍ତି, ତଥ୍ୟ, ନବସୃଜନ ଓ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ବିପର୍ଯ୍ୟୟଜନିତ ବିପଦକୁ ଠିକ୍ ଭାବେ ଚିହ୍ନଟ ଓ ବୁଝିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ବିପଦ ସମ୍ପର୍କିତ ତଥ୍ୟ ଓ ବିପଦ ଆକଳନ ଆଧାରରେ ସମନ୍ୱିତ ଭାବେ କାର୍ଯ୍ୟ କରି ଓଡ଼ିଶା ଅଧିକ ସୁରକ୍ଷିତ, ସଶକ୍ତ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମୁକାବିଲା କରିପାରୁଥିବା ରାଜ୍ୟ ଭାବେ ଆଗକୁ ବଢ଼ୁଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

**- V/O –**

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ସ୍ୱତନ୍ତ୍ର ଟ୍ରେନ୍‌କୁ ଆଜି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱର  ନୂଆ ରେଳଷ୍ଟେସନ୍‌ଠାରେ ଶୁଭାରମ୍ଭ କରିଛନ୍ତି। ଯୋଜନାରେ ୮୦୦ ଜଣ ବରିଷ୍ଠ ନାଗରିକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି। ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ଆକାଂକ୍ଷାକୁ ସମ୍ମାନ ଜଣାଇ ତଥା ତୀର୍ଥଯାତ୍ରା ସ୍ୱପ୍ନ

ପୂରଣ କରିବା ପାଇଁ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ଜଗତସିଂହପୁର, କଟକ, ପୁରୀ, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସମେତ ୨୫ ଜଣ ଅଧିକାରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ଆସନ୍ତା ୭ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି । ଏହି ଅବସରରେ ପର୍ଯ୍ୟଟକମାନଙ୍କୁ ପ୍ରତିକାତ୍ମକ ଭାବେ ରେଳ ଟିକଟ ଓ କିଟ୍ ପ୍ରଦାନ କରାଯାଇଥିଲା ।

ସୂଚନାଯୋଗ୍ୟ ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ୍ ୧୦ଟି ପର୍ଯ୍ୟାୟରେ ୮ହଜାର ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣସୀ, ହରିଦ୍ୱାର, ଋଷିକେଶ ଓ ମଦୁରାଇ ଭ୍ରମଣ କରିବେ ।

## ଓଟିଇଟି ପରୀକ୍ଷା ଫଳ

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ୨୦୨୬ର ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ମୋଟ୍ ପାଶ୍ହାର ୬୪ ଦଶମିକ ୪/୮ ପ୍ରତିଶତ ରହିଛି । ପରୀକ୍ଷା ପାଇଁ ୯୭ହଜାର ୧୫୧ଜଣ ଛାତ୍ରଛାତ୍ରୀ ଆବେଦନ

କରିଥିବାବେଳେ ୫୩ହଜାର ୩୧୪ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି ।

## ରାହୁରେଖା ଲାଗି ନୀତି

ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେଉଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି ଜାରି ରହିଛି । ଏ ନେଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି।

ଗତ ସ୍ନାନପୂର୍ଣ୍ଣିମା ଦିନ ଅଣସର ଘରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଚର୍ତୁପାର୍ଶ୍ୱରେ ସ୍ୱର୍ଣ୍ଣରେ ନିର୍ମିତ ରାହୁରେଖାକୁ ଓଲାଗି କରି ଭଣ୍ଡାର ଘରେ ରଖାଯାଇଥିଲା। ଏହାକୁ ଆଜି ରେଖା ପଞ୍ଚମୀରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଲାଗି କରାଯିବ। ଭୋଗମଣ୍ଡପ ନୀତି ବଢ଼ିବା ପରେ ପାଳିଆ ସେବକ ଓ ଦଇତାପତି ସେବକମାନେ ଜୟ ବିଜୟ ଦ୍ୱାର ବନ୍ଦ କରି ମହାପ୍ରଭୁଙ୍କୁ ଏହି ରାହୁରେଖା ଲାଗି କରିବେ।

## ବିଶ୍ୱ ନଡ଼ିଆ ଦିବସ

ନଡ଼ିଆ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ତଥା ସମାଜରେ ଏହାର ଆର୍ଥିକ ଏବଂ ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ନଡ଼ିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଅନିଶ୍ଚିତତା ସମୟରେ ନଡ଼ିଆ : ଖାଦ୍ୟ, ଶକ୍ତି ଓ

ଜୀବିକାର ସୁରକ୍ଷା’ । ନଡ଼ିଆ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ୧୯୮୧ ମସିହା ଜାନୁଆରୀ ୧୨ ତାରିଖରେ ନଡ଼ିଆ ବିକାଶ ବୋର୍ଡ ପ୍ରତିଷ୍ଠା କରାଯାଇଥିଲା ।

## ଭଦ୍ରକ-ନଡ଼ିଆ ଦିବସ

ଭଦ୍ରକ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରାଣୀତାଲଠାରେ ବିଶ୍ୱ ନଡ଼ିଆ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନଡ଼ିଆ ଉନ୍ନୟନ ବୋର୍ଡର ଉପନିର୍ଦ୍ଦେଶକ ଶଶୀକୁମାର, ଜିଲ୍ଲାପାଳ ସୋମେସ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ନଡ଼ିଆ ଦିବସ ପାଳନର ଆଭିମୁଖ୍ୟ ଓ ଅର୍ଥନୈତିକ ଦିଗ ଉପରେ ଆଲୋକପାତ କରିଥିଲେ ।

# ବିଧାୟକ-ଉଦ୍‌ଘାଟନ

ନବରଙ୍ଗପୁର ସହର ନୂଆବନ୍ଧଠାରେ କାମଧେନୁ ଗୋଖାଦ୍ୟ ଭଣ୍ଡାରକୁ ବିଧାୟକ ଗୌରୀଶଙ୍କର ମାଝୀ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ଚାଷୀ ଓ ଗୋପାଳକମାନେ ସୁଲଭ ମୂଲ୍ୟରେ ଉନ୍ନତମାନର ଗୋଖାଦ୍ୟ ପାଇପାରିବେ, ଯାହା ପଶୁପାଳକ ଓ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ବୈଠକ

ନୟାଗଡ ଜିଲ୍ଲା ପରିଷଦର ସାଧାରଣ ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ

ଦେବାଶିଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ, ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଜଳଯୋଗାଣ ଓ ପରିମଳ ବିଭାଗ, ମତ୍ସ୍ୟଚାଷ, ପୂର୍ତ୍ତ, ଉଠା ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଆଦି ବିଭାଗ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଦାନର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା ।

## ପରିବେଶ ନିରୀକ୍ଷଣ ବୈଠକ

ନୂଆପଡାରେ ପରିବେଶ ସୁରକ୍ଷା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣ ନେଇ ଚତୁର୍ଥ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ତଥା କମିଟି ଅଧ୍ୟକ୍ଷ ମଧୁସୂଦନ ଦାସ ଅଧ୍ୟକ୍ଷତା କରିଥିଲେ । ହୋଟେଲ ଗୁଡ଼ିକର ପରିବେଶ ସମ୍ମତି ପତ୍ର ଓ ବର୍ଜ୍ୟଜଳ ବିଶୋଧନାଗାର ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ରାଇସ୍‌ମିଲ୍ ଗୁଡ଼ିକର ନିୟମିତ ଯାଞ୍ଚ ଓ ପରିବେଶ ଉଲ୍ଲଙ୍ଘନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଥିଲା ।

## ଚେସ୍-ସର୍ବକନିଷ୍ଠ ଖେଳାଳି

ଭାରତର ସର୍ବକନିଷ୍ଠ ଖେଳାଳି ଭାବେ ଓଡ଼ିଶାର ଏଲିନା ମିଶ୍ର ଉତ୍କୃଷ୍ଟ ଚେସ୍ ଖେଳ ପ୍ରଦର୍ଶନ କରି ଏଫ୍‌ଆଇଡିଇ ରେଟିଂରେ ସ୍ଥାନିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ବର୍ଷୀୟା ଏଲିନାଙ୍କୁ ଶୁଭେଚ୍ଛା ଜଣାଇ

କହିଛନ୍ତି ତାଙ୍କର ଏହି ଯାତ୍ରା ରାଜ୍ୟର ଅନେକ ପ୍ରତିଭାଙ୍କୁ ନିଜ କ୍ଷେତ୍ରରେ ନିଷ୍ଠାର ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ । ତାଙ୍କର ଏହି ଅସାଧାରଣ ପ୍ରତିଭା, ନିଷ୍ଠା ଓ ଦୃଢ଼ ସଂକଳ୍ପର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପାଣିପାଗ

ଉତ୍ତର-ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ତଥା ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହିସମୟ ମଧରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧକୁ ଯିବାକୁ ବାରଣ କରାଯାଇଛି ।